ଭାରତ ସଂଘ

ବନାମ

ମୋହନ ସିଂହ ରାଠୋଡ଼ ଏବଂ ଅନ୍ୟଜଣେ

ସେପ୍ଟେମ୍ବର 2,1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଭାରତୀୟ ପୋଲିସ ସେବା (ପଦୋନ୍ନତି ଦ୍ୱାରା ନିଯୁକ୍ତି) ନିୟମାବଳୀ, 1955*

*ବିନିୟମାବଳୀ 7/9 — ଭାରତୀୟ ପୋଲିସ ସେବା — ରାଜ୍ୟ କୋଟାରୁ ଆବଣ୍ଟନ— ସଂଘ ଲୋକସେବା ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଉତ୍ତରଦାତାଙ୍କ ମାମଲା— ରାଜ୍ୟ "ଅଣ-ଅବନତି ପ୍ରମାଣପତ୍ର" ଜାରି କରିବେ, ଯାହା ଦ୍ୱାରା କେନ୍ଦ୍ର ସରକାର ଆଦେଶ ଜାରି କରିପାରିବେ— ଉତ୍ତରଦାତାଙ୍କ ନାମ ପ୍ରମାଣପତ୍ରରେ ଅନ୍ତର୍ଭୁକ୍ତ କରାଯାଇନାହିଁ— ତଥାପି, ତାଙ୍କ ଅବସର ପରେ ରାଜ୍ୟ ସରକାର ଭାରତ ସଂଘକୁ ଲେଖିଥିଲେ ଯେ, ସେ "ଯୋଗ୍ୟ ପ୍ରାର୍ଥୀ" ହୋଇଥିବାରୁ ନିଯୁକ୍ତି ପାଇଁ ହକଦାର ଅଟନ୍ତି— ପରିଶେଷରେ, ତାଙ୍କୁ ଆଇ ପି ଏସ୍ ଭାବରେ ନିଯୁକ୍ତ କରାଯାଇପାରିଲା ନାହିଁ, ଯଦିଓ ସେ ଉପଯୁକ୍ତ ଥିଲେ ଏବଂ ୟୁ ପି ଏସ୍ ସି ଦ୍ୱାରା ଅନୁମୋଦିତ ହୋଇଥିଲେ— ନ୍ୟାୟାଧିକରଣ ତାଙ୍କୁ ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ— ନିର୍ଣ୍ଣୟ କରାଗଲା, କୌଣସି ପ୍ରାସଙ୍ଗିକ ନିୟମକୁ ଉଲ୍ଲେଖ ନକରି, ତାଙ୍କୁ ନିଯୁକ୍ତି ଦେବା ପାଇଁ ନ୍ୟାୟାଧିକରଣ ନିର୍ଦ୍ଦେଶ ଦେଇଥିବାରୁ, ଏହା ବେଆଇନ ବୋଲି ଧରାପଡ଼ିଛି, ତେଣୁ ଏହାକୁ ରଦ୍ଦ କରାଯାଉଛି— ତଥାପି, ଭାରତ ସଂଘ 4 ଅକ୍ଟୋବର 1988 ତାରିଖର ନିଯୁକ୍ତି ଅଧିସୂଚନାରେ ତାଙ୍କ ନାମକୁ ଚୟନ ତାଲିକାରେ ପ୍ରାର୍ଥୀ ଭାବରେ ଅନ୍ତର୍ଭୁକ୍ତ କରିବାକୁ ଏବଂ ତାଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ –ଉତ୍ତରଦାତା ସେହି ଆଧାରରେ ସମସ୍ତ ଅବସରକାଳୀନ ସୁବିଧା ପାଇବାକୁ ହକଦାର ହେବେ ।*

ଦେୱାନୀ ଅପିଲୀୟ ଅଧିକାରିତା :ଦେୱାନୀ ଅପିଲ ସଂଖ୍ୟା 12089/1996 ।

ଓ.ଏ. ସଂଖ୍ୟା 793/1992 ରେ ଜୟପୁରର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ 7.8.95 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ ଅତିରିକ୍ତ ମହାନ୍ୟାୟାଭିକର୍ତ୍ତା ଅଲତାଫ ଅହମ୍ମଦ, ହେମନ୍ତ ଶର୍ମା, ପି. ପରମେଶ୍ୱରନ ।

ଉତ୍ତରଦାତାମାନଙ୍କ ପାଇଁ ସୁଶୀଲ କୁମାର ଜୈନ, ଏ.ପି. ଧମିଜା, ଏମ୍.କେ. ସିଂହ, ସୁଶ୍ରୀ କୁସୁମ ଶର୍ମା ଏବଂ କେ. ଏସ୍. ଭାଟି ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ:

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ଉତ୍ତରଦାତାଙ୍କୁ ରାଜସ୍ଥାନ ରାଜ୍ୟ ପୋଲିସ ସେବାରେ ନିଯୁକ୍ତ କରାଯାଇଥିଲା । 1987 ମସିହା ଡିସେମ୍ବର 28 ତାରିଖରେ ତାଙ୍କୁ ଚୟନ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା । 1988 ମସିହା ଫେବୃଆରୀ 2 ତାରିଖରେ କେନ୍ଦ୍ର ଲୋକସେବା ଆୟୋଗ ଏହାକୁ ଅନୁମୋଦନ କରିଥିଲେ । ସେବନିବୃତ୍ତି ଗ୍ରହଣ କରିବା ପରେ, ସେ ମଇ 31,1988 ରେ ଅବସର ନେବାର ଥିଲା । ରାଜ୍ୟ କୋଟାରୁ ଭାରତୀୟ ପୋଲିସ ସେବାକୁ ଆବଣ୍ଟନ ପାଇଁ ତାଙ୍କ ନାମ ସହିତ ଅନ୍ୟ ଆଠ ଜଣ ପ୍ରାର୍ଥୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା । ଭାରତୀୟ ପୋଲିସ ସେବା (ପଦୋନ୍ନତି ଦ୍ୱାରା ନିଯୁକ୍ତି) ବିନିୟମାବଳୀ, 1955 (ସଂକ୍ଷେପରେ, "ପଦୋନ୍ନତି ନିୟମାବଳୀ") ର ବିନିୟମ 7 ଅଧୀନରେ ଆବଶ୍ୟକତା ଅନୁଯାୟୀ, କେନ୍ଦ୍ର ଲୋକସେବା ଆୟୋଗ ରାଜ୍ୟ ସରକାରଙ୍କଠାରୁ ପ୍ରାପ୍ତ ଅନ୍ୟାନ୍ୟ ଦସ୍ତାବିଜ ସହିତ ସମିତି ଦ୍ୱାରା ପ୍ରସ୍ତୁତ ତାଲିକାକୁ ବିଚାର କରିବେ ଏବଂ ଯଦି ଏହା କୌଣସି ପରିବର୍ତ୍ତନକୁ ଆବଶ୍ୟକ ମନେ ନ କରନ୍ତି, ତେବେ ତାଲିକାକୁ ଅନୁମୋଦନ କରିବେ । ଏହି କ୍ଷେତ୍ରରେ ଉପ-ବିନିୟମ (4) ପ୍ରାସଙ୍ଗିକ ଅଟେ ଯାହା ପ୍ରଦାନ କରେ ଯେ, ଚୟନ ତାଲିକା ସାଧାରଣତଃ ବଳବତ୍ତର ରହିବ ଯେପର୍ଯ୍ୟନ୍ତ ଉପ-ବିନିୟମ (4) କିମ୍ବା (5) ଅନୁଯାୟୀ ଏହାର ସମୀକ୍ଷା ଏବଂ ସଂଶୋଧନ ଉପ-ବିନିୟମ (1) ଅନୁଯାୟୀ ଅନୁମୋଦିତ ନହୁଏ କିମ୍ବା, ଯଥାସ୍ଥିତି, ଉପ-ବିନିୟମ (2) ଅନୁଯାୟୀ ଶେଷରେ ଅନୁମୋଦିତ ନହୁଏ । ବିନିୟମ 7 (3) ଅନୁଯାୟୀ, ୟୁ ପି ଏସ୍ ସି ଦ୍ୱାରା ଚୂଡ଼ାନ୍ତ ଅନୁମୋଦିତ ତାଲିକା ଚୟନ ତାଲିକା ପ୍ରସ୍ତୁତ କରିବ । ଏହାର ପରନ୍ତୁକ ଏହିପରି ସୂଚିତ କରେ :

> " ଆହୁରି ମଧ୍ୟ ବ୍ୟବସ୍ଥା ଅଛି ଯେ, ଚୟନ ତାଲିକାରେ ଅନ୍ତର୍ଭୁକ୍ତ ଥିବା ରାଜ୍ୟ ପୋଲିସ ସେବାର ଯେକୌଣସି ସଦସ୍ୟଙ୍କ ଆଚରଣ କିମ୍ବା କର୍ତ୍ତବ୍ୟ ସମ୍ପାଦନରେ ଗୁରୁତର ତ୍ରୁଟି ଘଟିଲେ, ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ଚୟନ ତାଲିକାର ଏକ ସ୍ୱତନ୍ତ୍ର ସମୀକ୍ଷା କରାଯାଇପାରିବ ଏବଂ ଆୟୋଗ ଯଦି ଉପଯୁକ୍ତ ମନେ କରନ୍ତି, ତେବେ ରାଜ୍ୟ ପୋଲିସ ସେବାର ଏପରି ସଦସ୍ୟଙ୍କ ନାମ ଚୟନ ତାଲିକାରୁ ବାଦ ଦେଇପାରିବେ ।"

ପଦୋନ୍ନତି ବିନିୟମାବଳୀର ବିନିୟମ 9, ଭାରତୀୟ ପୋଲିସ ସେବାରେ ରାଜ୍ୟ ପୋଲିସ ସେବା ଅଧିକାରୀଙ୍କ ନିଯୁକ୍ତି ସହିତ ଜଡ଼ିତ । ଏହାର ଉପ-ବିନିୟମ (2) ନିମ୍ନରେ ଦିଆଗଲା:

> "ସାଧାରଣତଃ ଏପରି ନିଯୁକ୍ତି ପୂର୍ବରୁ ଆୟୋଗଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ ହେବ ନାହିଁ, ଯଦି ରାଜ୍ୟ ପୋଲିସ ସେବାର ସଦସ୍ୟଙ୍କ ନାମ ଚୟନ ତାଲିକାରେ ଅନ୍ତର୍ଭୁକ୍ତ ହେବା ଏବଂ ପ୍ରସ୍ତାବିତ ନିଯୁକ୍ତି ତାରିଖ ମଧ୍ୟରେ ରାଜ୍ୟ ପୋଲିସ ସେବାର ସଦସ୍ୟଙ୍କ କାର୍ଯ୍ୟରେ କୌଣସି ଅବନତି ଘଟେ କିମ୍ବା ଅନ୍ୟ କୌଣସି କାରଣ ନ ଥାଏ ଯାହା ରାଜ୍ୟ ସରକାର କିମ୍ବା କେନ୍ଦ୍ର ସରକାରଙ୍କ ମତରେ ତାଙ୍କୁ ସେବାରେ ନିଯୁକ୍ତି ପାଇଁ ଅନୁପଯୁକ୍ତ ବୋଲି ବିବେଚନା କରେ ।"

ସୁପାରିଶ କରିବା ସମୟରେ, ରାଜ୍ୟ ସରକାରଙ୍କୁ ଏହି ସମ୍ବନ୍ଧରେ ଭାରତ ସଂଘର, କର୍ମଚାରୀ ବର୍ଗ ବିଭାଗର 22 ମଇ 1973 ତାରିଖର ପ୍ରଶାସନିକ ସଂସ୍କାର ପତ୍ର ସଂଖ୍ୟା 11/ 4/73-AIS (1) ଅନୁଯାୟୀ ମନୋନୀତ ପ୍ରାର୍ଥୀଙ୍କ "ଅଣ-

ଅବନତି ପ୍ରମାଣପତ୍ର" ପ୍ରଦାନ କରିବାକୁ ପଡ଼ିବ, ଯାହା କର୍ମଚାରୀ ବର୍ଗ ବିଭାଗର ପ୍ରଶାସନିକ ସଂସ୍କାରକୁ ପଦୋନ୍ନତି ବିନିୟମାବଳୀର ଅଂଶବିଶେଷ ଭାବେ ନିର୍ଣ୍ଣୟ ସଂଖ୍ୟା 9ରେ ସାମିଲ କରାଯାଇଛି, ଯାହା ନିମ୍ନରେ ଦିଆଗଲା:

> "ଆଇ ଏ ଏସ୍ (ପଦୋନ୍ନତି ଦ୍ୱାରା ନିଯୁକ୍ତି) ବିନିୟମାବଳୀ, 1955 ର ବିନିୟମ 7 ର ଉପ-ବିନିୟମ (4) ର ପରନ୍ତୁକରେ ଥିବା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି, ରାଜ୍ୟ ସରକାର/ଯୁଗ୍ମ ସବର୍ଗ କର୍ତ୍ତୃପକ୍ଷ, ରାଜ୍ୟ ସିଭିଲ ସେବାର ସଦସ୍ୟଙ୍କୁ ଭାରତୀୟ ପ୍ରଶାସନିକ ସେବାରେ ସୁପାରିଶ କରିବା କିମ୍ବା ନିଯୁକ୍ତି ଦେବା ସମୟରେ, ନିମ୍ନଲିଖିତ ଧାରାରେ ଏକ ପ୍ରମାଣପତ୍ର ପଠାଇପାରିବେ:
>
> "ରାଜ୍ୟ ସରକାର/ଯୁଗ୍ମ ସବର୍ଗ କର୍ତ୍ତୃପକ୍ଷ ପ୍ରମାଣିତ କରୁଛନ୍ତି ଯେ, ଚୟନ ତାଲିକାରେ ଶ୍ରୀ ......ଙ୍କ ନାମ ଅନ୍ତର୍ଭୁକ୍ତ ହେବା ପରେ, ତାଙ୍କ କାର୍ଯ୍ୟରେ ଏପରି କୌଣସି ଅବନତି ଘଟିନାହିଁ ଯାହା ତାଙ୍କୁ ଭାରତୀୟ ପ୍ରଶାସନିକ ସେବାରେ ନିଯୁକ୍ତି ପାଇଁ ଅନୁପଯୁକ୍ତ କରିପାରେ କିମ୍ବା ତାଙ୍କ ଆଚରଣ କିମ୍ବା କର୍ତ୍ତବ୍ୟ ସମ୍ପାଦନରେ କୌଣସି ତ୍ରୁଟି ରାଜ୍ୟ ସରକାର/ଯୁଗ୍ମ ସବର୍ଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସିନାହିଁ ।"

ଏହି ଆବଶ୍ୟକତା ବାଧ୍ୟତାମୂଳକ କାରଣ ପଦୋନ୍ନତି ବିନିୟମାବଳୀ ଅନୁଯାୟୀ, ଭାରତୀୟ ପୋଲିସ ସେବାରେ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେବା ପୂର୍ବରୁ, କେନ୍ଦ୍ର ସରକାର ସମ୍ପୃକ୍ତ ରାଜ୍ୟ ସରକାର କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳରୁ ପ୍ରମାଣପତ୍ର ଗ୍ରହଣ କରିବା ଉଚିତ ଯେ, ମଧ୍ୟବର୍ତ୍ତୀ ସମୟରେ କାର୍ଯ୍ୟରତ କର୍ମଚାରୀଙ୍କ ସେବାରେ କୌଣସି ଅବନତି ହୋଇନାହିଁ, କାରଣ ସମ୍ପୃକ୍ତ ଅଧିକାରୀଙ୍କ ନିରନ୍ତର ଗୁଣବତ୍ତା, ଅଖଣ୍ଡତା, ସଚ୍ଚୋଟତା ଏବଂ ଦକ୍ଷତା ଜାଣିବା ବାଧ୍ୟତାମୂଳକ ଅଟେ । ଅନ୍ୟମାନଙ୍କ ସମ୍ବନ୍ଧରେ 4 ଅକ୍ଟୋବର 1988 ତାରିଖରେ ନିଯୁକ୍ତି ଅଧିସୂଚନା ଜାରି ହେବା ପୂର୍ବରୁ, ରାଜ୍ୟ ସରକାର ଉତ୍ତରଦାତାଙ୍କ ସମ୍ବନ୍ଧରେ କୌଣସି 'ଅଣ-ଅବନତି ପ୍ରମାଣପତ୍ର' ପଠାଇନଥିଲେ । ଯେହେତୁ ଏଥିରେ ଉତ୍ତରଦାତାଙ୍କ ନାମ ନଥିଲା, ତେଣୁ ତାଙ୍କୁ ନିଯୁକ୍ତ କରାଯାଇପାରିଲା ନାହିଁ । ଯେତେବେଳେ ସେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ଜୟପୁର ବିଚାରପୀଠରେ ଓ.ଏ. ସଂଖ୍ୟା 793/92 ଦାଖଲ କରିଥିଲେ, ସେତେବେଳେ 7 ଅଗଷ୍ଟ 1995 ତାରିଖର ଆଦେଶ ଅନୁଯାୟୀ ନ୍ୟାୟାଧିକରଣ ଅପିଲକାରୀଙ୍କୁ ତାଙ୍କ କନିଷ୍ଠଙ୍କ ସମକକ୍ଷ ଉତ୍ତରଦାତାଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହା ଦେଖାଯାଉଛି ଯେ, ନ୍ୟାୟାଧିକରଣଙ୍କର ପଦୋନ୍ନତି ବିନିୟମାବଳୀର ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟକାରିତା ବିଷୟରେ କୌଣସି ଜ୍ଞାନ ନ ଥିବା ପରି ମନେହୁଏ । ଏହା ସେମାନଙ୍କୁ ସେବା ନ୍ୟାୟଶାସ୍ତ୍ରର ସାଧାରଣ ନୀତି ସହିତ ସମାନ ଭାବରେ ବ୍ୟବହାର କରିଥିଲା ଏବଂ କୌଣସି ପ୍ରାସଙ୍ଗିକ ନିୟମକୁ ଉଲ୍ଲେଖ ନକରି, ଆପିଲକାରୀ-ସରକାରଙ୍କୁ ତାଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲା । ତେଣୁ ଆଇନର ସିଦ୍ଧାନ୍ତ ଅନୁଯାୟୀ ନ୍ୟାୟାଧିକରଣଙ୍କର ଆଦେଶ ସ୍ପଷ୍ଟ ଭାବରେ ବେଆଇନ ଅଟେ । ସେହି ଅନୁଯାୟୀ ଏହାକୁ ରଦ୍ଦ କରାଯାଇଛି ।

ତଥାପି, ପ୍ରଶ୍ନ ହେଉଛି : ଉତ୍ତରଦାତାଙ୍କୁ କି ପ୍ରକାର ପ୍ରତିକାର ଦିଆଯାଇପାରିବ? ଏହା ଦେଖିବାକୁ ମିଳିଛି ଯେ, ରାଜ୍ୟ ସରକାର ଉତ୍ତରଦାତାଙ୍କ ସମ୍ପର୍କରେ "ବିନା ଅବନତି ପ୍ରମାଣପତ୍ର" ପଠାଇ ନଥିଲେ ଏବଂ ଉତ୍ତରଦାତାଙ୍କ ଅବସର ପରେ ରାଜ୍ୟ ସରକାର ଫେବୃଆରୀ 21, 1989 ରେ ଭାରତ ସଂଘକୁ ଏକ ଚିଠି ଲେଖିଥିଲେ ଯେଉଁଥିରେ ଉଲ୍ଲେଖ କରାଯାଇଥିଲା ଯେ, ଉତ୍ତରଦାତା ନିଯୁକ୍ତି ପାଇଁ ହକଦାର କାରଣ ସେ "ଯୋଗ୍ୟ" ପ୍ରାର୍ଥୀ ଥିଲେ । ଯେତେବେଳେ ତାଙ୍କୁ ଅବସର ନେବାର ଥିଲା, ସେତେବେଳେ ଅନ୍ୟ ପ୍ରାର୍ଥୀଙ୍କ ସମ୍ବନ୍ଧରେ ପ୍ରମାଣପତ୍ର ସହିତ ଉତ୍ତରଦାତାଙ୍କ "ଅଣ-ଅବନତି ପ୍ରମାଣପତ୍ର" ପଠାଇବା ପାଇଁ

ରାଜ୍ୟ ସରକାରଙ୍କୁ କୌଣସି ପ୍ରତିବନ୍ଧକ ନଥିଲା । ଏହା ଦେଖିବାକୁ ମିଳିଛି ଯେ, ସେମାନେ ଅପ୍ରେଲ 11, 1988ରେ ଭାରତ ସରକାରଙ୍କୁ ଚୟନ ତାଲିକା ପଠାଇଥିଲେ ଏବଂ ଉତ୍ତରଦାତାଙ୍କୁ 31 ମଇ 1988ରେ ଅବସର ଗ୍ରହଣ କରିବାର ଥିଲା । ଯେତେବେଳେ ଏଭଳି ପଦାସୀନ ଥିଲା, ସେତେବେଳେ ରାଜ୍ୟ ସରକାରଙ୍କୁ ଚିଠି ପଠାଇବାକୁ କୌଣସି ପ୍ରତିବନ୍ଧକ ରହି ନ ଥାନ୍ତା । ଫଳସ୍ୱରୂପ, ୟୁ ପି ଏସ୍ ସି ଦ୍ୱାରା ଉପଯୁକ୍ତ ଏବଂ ଅନୁମୋଦିତ ହୋଇଥିଲେ ମଧ୍ୟ ଉତ୍ତରଦାତାଙ୍କୁ ଆଇପିଏସ୍ ସବର୍ଗରେ ନିଯୁକ୍ତି ପାଇବାର ସୁଯୋଗ ହରାଇବାକୁ ପଡିଲା । ଏଭଳି ପରିସ୍ଥିତିରେ, ଆମେ ଉପଯୁକ୍ତ ମନେ କରୁ ଯେ, ଭାରତ ସଂଘ 4 ଅକ୍ଟୋବର 1988 ଅଧିସୂଚନାରେ ତାଙ୍କ ନାମକୁ ଚୟନ ଚାଲିକରେ ପ୍ରାର୍ଥୀ ଭାବରେ ଅନ୍ତର୍ଭୁକ୍ତ କରିବାକୁ ଏବଂ ତାଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଉ ।  ଫଳସ୍ୱରୂପ ଉତ୍ତରଦାତା ସେହି ଆଧାରରେ ସମସ୍ତ ଅବସରକାଳୀନ ସୁବିଧା ପାଇବାକୁ ହକଦାର ହେବେ ।

ତଦନୁସାରେ ଅପିଲଟିକୁ ପରିସମାପ୍ତି କରାଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲକୁ ପରିସମାପ୍ତି କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା**

**ସଙ୍ଗୀତା ସେନାପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**